visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.66, Bhubaneswar Saturday, April 25,2020 | ୨୩ତମ ବର୍ଷ ସଂଖ୍ୟା-୬୬ ଭୁବନେଶ୍ୱର, ଶନିବାର ଅପ୍ରେଲ ୨୫,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଇ-ଗ୍ରାମ ସ୍ୱରାଜ ଆପ୍, ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

## କରୋନା ମହାମାରୀରୁ ଆମେ ଆତ୍ମନିର୍ଭରଶୀଳ ଏବଂ ସ୍ୱୟଂସମ୍ପୂର୍ଣ୍ଣ ହେବାର ମହାଶିକ୍ଷା ଲାଭ କରିଛୁ: ମୋଦି

**ନୂଆଦିଲ୍ଲୀ, (ପିଏନ)-** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସମଗ୍ର ଦେଶର ସରପଂଚ ଏବଂ ଗ୍ରାମ ପଂଚାୟତ ଅଧିକାରୀମାନଙ୍କ ସହ ଭିଡ଼ିଓ କନଫରେନ୍ସିଂ ଯୋଗେ ଭାବ ବିନିମୟ କରିଛନ୍ତି । ଜାତୀୟ ପଂଚାୟତିରାଜ ଦିବସ ୨୦୨୦ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଏହିସବୁ ଗ୍ରାମାଂଚଳ ପ୍ରତିନିଧି ତଥା ଅଧିକାରୀମାନଙ୍କ ସହ ଆଲୋଚନା କରିବା ଅବସରରେ ସମନ୍ୱିତ ଗ୍ରାମ ସ୍ୱରାଜ ପୋର୍ଟାଲ ତଥା ମୋବାଇଲ ଆପ୍ଲିକେଶନ ଏବଂ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଛନ୍ତି ।

ଇ-ଗ୍ରାମ ସ୍ୱରାଜ ଗ୍ରାମ ପଂଚାୟତ ବିକାଶ ଯୋଜନା ପାଇଁ ପ୍ରସ୍ତୁତ ହେବାକୁ ତଥା ବିଭିନ୍ନ କାର୍ଯ୍ୟକ୍ରମର ରୂପାୟନ ନିମନ୍ତେ ସରପଂଚ ଏବଂ ଅଧିକାରୀମାନଙ୍କୁ ଯଥେଷ୍ଟ ମାତ୍ରାରେ ସହାୟକ ହେବ । ଏହି ପୋର୍ଟାଲ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ରିଅଲ ଟାଇମ ମନିଟରିଂ ତଥା ଉତରଦାୟିତ୍ୱ ସୁନିଶ୍ଚିତ କରିପାରିବ ଯ ଗ୍ରାମ ପଞ୍ଚାୟତ ସ୍ତରରେ ଡିଜିଟାଇଜେସନକୁ କାର୍ଯ୍ୟକାରୀ କରିବା ଦିଗରେ ଏହି ପୋର୍ଟାଲକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି ।

ସେହିଭଳି ସ୍ୱାମୀତ୍ୱ ଯୋଜନାକୁ ପାଇଲଟ ଭିତିରେ ଆରମ୍ଭ କରାଯାଇଛି ଏବଂ ପ୍ରଥମେ ତାହା ଛଅଟି ରାଜ୍ୟରେ ପ୍ରବର୍ତନ କରାଯିବ । ଏହାଦ୍ୱାରା ଗ୍ରାମାଂଚଳରେ ଡ୍ରୋନ ବ୍ୟବହାର କରାଯାଇ ଆବାସିକ କ୍ଷେତ୍ରକୁ ମ୍ୟାପିଂ କରାଯିବ । ଏହା ହେଉଛି ସର୍ଭେ କାର୍ଯ୍ୟକ୍ରମର ସର୍ବାଧୁନିକ ପଦ୍ଧତି । ଏହା ଯୋଜନାକୁ ସୁସଂଗତ କରିବା ସହ ରାଜସ୍ୱ ସଂଗ୍ରହକୁ ସୁନିଶ୍ଚିତ କରିବା ସହିତ ଗ୍ରାମାଂଚଳରେ ସମ୍ପତି ଅଧିକାର ଉପରେ ଲୋକମାନଙ୍କ ମନରେ ସ୍ୱଚ୍ଛତା ଜାଗ୍ରତ କରିବ । ଏହା ଫଳରେ ଭୂସମ୍ପତିର ମାଲିକାନା ଥିବା ବ୍ୟକ୍ତିବିଶେଷ ତାହାରି ଆଧାରରେ ବିଭିନ୍ନ ଆର୍ଥିକ ଅନୁଷ୍ଠାନ ଠାରୁ ଋଣ ପାଇଁ ଆବେଦନ କରିପାରିବେ । ଭୂସମ୍ପତି ସଂପର୍କୀତ ବିବାଦମାନ ଏହି ଯୋଜନା ମାଧ୍ୟମରେ ପ୍ରଦାନ କରାଯାଇଥିବା ଟାଇଟଲ ଡ଼ିଡ଼ ଆଧାରରେ ସମାଧାନ କରାଯାଇପାରିବ ।

ସାରା ଦେଶର ସରପଂଚମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଲେ ଯେ ବୈଶ୍ୱିକ ମହାମାରୀ କରୋନା ଲୋକମାନଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତନ ଘଟାଇଛି ଏବଂ ସେମାନଙ୍କୁ ଏକ ମହାଶିକ୍ଷା ମଧ୍ୟ ଦେଇଛି । ସେ କହିଲେ ଯେ କିଭଳି ଆତ୍ମନିର୍ଭରଶୀଳ ଭାବେ ଜୀବନ ବଂଚିବାକୁ ପଡ଼େ ତାହା ଏହି ମହାମାରୀରୁ



ଲୋକମାନେ ଶିକ୍ଷାଲାଭ କରିଛନ୍ତି ।

ଏହି ମହାମାରୀ ଆମ ସମ୍ମୁଖରେ ନୂଆ ନୂଆ ଆହ୍ୱାନ ଏବଂ ସମସ୍ୟା ଉଭା କରାଇଛି ଯାହାକି ଆମେ କେବେ କଳ୍ପନା ସୁଦ୍ଧା କରିନଥିଲେ । କିନ୍ତୁ ଏହା ଆମକୁ ଗୋଟିଏ ଭଲ ଶିକ୍ଷା ମଧ୍ୟ ଦେଇଛି ଏବଂ ତାହା ଏକ ଦୃ ବାର୍ତା । କରୋନା ଆମକୁ ଏହି ଶିକ୍ଷା ଦେଇଛି ଯେ କିଭଳି ଆତ୍ମନିର୍ଭରଶୀଳ ଏବଂ ସ୍ୱୟଂସମ୍ପୂର୍ଣ୍ଣ ଭାବେ ବିପତି ବେଳେ ଜୀବନ ବଂଚିବାକୁ ହେବ ତାହା ସମସ୍ତେ ଶିଖିବା ଉଚିତ । ଏହା ଆମକୁ ଶିଖାଇଛି ଯେ ଏଭଳି ସମସ୍ୟାର ସମାଧାନ ସକାଶେ ଆମକୁ ଦେଶ ବାହାରେ ଖୋଜିବାର ଆବଶ୍ୟକତା ନାହିଁ ଯ ଏଥିରୁ ଆମେ ଏହି ମହାଶିକ୍ଷା ଲାଭ କରିଛେ ।

ପ୍ରତ୍ୟେକ ଗ୍ରାମ ସ୍ୱୟଂସମ୍ପୂର୍ଣ୍ଣ ହେବା ଉଚିତ ଯାହାଦ୍ୱାରା ସେଠାରେ ବସବାସ କରୁଥିବା ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ । ସେହିଭଳି ପ୍ରତିଟି ଜିଲ୍ଲା ମଧ୍ୟ ନିଜ ସ୍ତରରେ ଆତ୍ମ ନିର୍ଭରଶୀଳ ହେବା ବାଂଛନୀୟ ଯ ପ୍ରତ୍ୟେକ ରାଜ୍ୟ ଓ ସମଗ୍ର ଦେଶ ଆତ୍ମ ନିର୍ଭରଶୀଳ ହେଲେ ହିଁ ଏଭଳି ବିପଦର ସାମ୍ନା କରିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଲେ ଯେ ଗ୍ରାମର ଲୋକମାନଙ୍କୁ ଏଭଳି ଆତ୍ମ ନିର୍ଭରଶୀଳ କରିବା ସକାଶେ ସରକାର କଠିନ ଶ୍ରମ ସ୍ୱୀକାର କରିଛନ୍ତି ଏବଂ ଏହାଦ୍ୱାରା ଗ୍ରାମ ପଂଚାୟତଗୁଡ଼ିକ ଅଧିକ ସୁଦୃ ହୋଇପାରିଛି ।

ଗତ ପାଂଚ ବର୍ଷ ଭିତରେ ପ୍ରାୟ ୧.୨୫ ଲକ୍ଷ ପଂଚାୟତକୁ ବ୍ରଡ଼ବ୍ୟାଣ୍ଡ ମାଧ୍ୟମରେ ଯୋଡ଼ା ଯାଇପାରିଛି ଯାହାକି ପୂର୍ବରୁ ମାତ୍ର ୧୦୦ଟି ଗ୍ରାମ ପଂଚାୟତରେ ଉପଲବ୍ଧ ଥିଲା। ସେହିଭଳି ଏବେ ସାରା ଦେଶରେ ସାଧାରଣ ସୁବିଧା କେନ୍ଦ୍ର ସଂଖ୍ୟା ୩ ଲକ୍ଷକୁ ଟପି ସାରିଛି ବୋଲି ସେ ସୂଚାଇଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱରାଜ ଚିନ୍ତାଧାରା କିଭଳି ଗ୍ରାମ ସ୍ୱରାଜର ମୂଳ ଆଧାର ପାଲଟିଛି ତାହା ଉଲ୍ଲେଖ କରିଥିଲେ । ଶାସ୍ତ୍ରରୁ ଉକ୍ତ ଉଦ୍ଧାର କରି ପ୍ରଧାନମନ୍ତ୍ରୀ ଲୋକମାନଙ୍କ ସ୍ମରଣ କରାଇ ଦେଇଥିଲେ ଯେ ସମସ୍ତ ସାମର୍ଥ୍ୟର ମୂଳ ଆଧାର ହେଲା ଏକତା ।

ପରିଶେଷରେ ପ୍ରଧାନମନ୍ତ୍ରୀ ପଂଚାୟତିରାଜ ଦିବସ ଅବସରରେ ଦେଶର ସରପଂଚମାନଙ୍କୁ କରୋନା ବିରୋଧରେ ସେମାନଙ୍କର ସମୂହ ଲଢେଇ, ଐକ୍ୟବଦ୍ଧତା ଓ ସଂକଳ୍ପ ସକାଶେ ଅଭିନନ୍ଦନ ଜଣାଇଥିଲେ

# ପ୍ରବାସୀ ଓଡିଆଙ୍କ ପାଇଁ ପଂଜୀକରଣ ଆରମ୍ଭ

**ଭୁବନେଶ୍ୱର, (ପିଏନ)-** ଲକ ଡାଉନ କୋହଳ ହେବା ପରେ ଓଡିଶା ଆସିବାକୁ ଚାହୁଁଥିବା ପ୍ରବାସୀ ଓଡିଆ ମାନଙ୍କ ପାଇଁ ପଂଜୀକରଣ ଆରମ୍ଭ ହୋଇଛି । ଏଥିପାଇଁ ରାଜ୍ୟ ସରକାର ଅନ ଲାଇନ ଓ ଅଫ ଲାଇନରେ ବ୍ୟବସ୍ଥା କରା ଯାଇଛି । h t t p : / / covid19.odisha.gov.in ପୋର୍ଟାଲ ମାଧ୍ୟମରେ ଫେରିବାକୁ ଚାହୁଁଥିବା ବ୍ୟକ୍ତି ପଂଜୀକରଣ କରିପାରିବେ।

ଓଡିଶା ଫେରିବାକୁ ଚାହୁଁଥିବା ଓଡିଆ ମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ପୋର୍ଟାଲ କରା ଯାଇଛି । ଏହି ପୋର୍ଟାଲ ମାଧ୍ୟମରେ ନିଜେ କିମ୍ବା ଅନ୍ୟ କେହି ତାଙ୍କ ପାଇଁ ପଂଜୀକରଣ କରିପାରିବେ । ଏହା ବ୍ୟତୀତ ଓଡିଶାରେ ରହୁଥିବା ସେମାନଙ୍କ ଆତ୍ମୀୟ ସେମାନଙ୍କ ପାଇଁ ଫର୍ମ ପୂରଣ କରି ପଂଚାୟତ ଅଫିସରେ ଦାଖଲ କରିପାରିବେ।

ଉଲ୍ଲେଖନୀୟ ଯେ ଗତ ୨୨ ତାରିଖ ଦିନ ରାଜ୍ୟର ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ ଡିକେ ସିଂହ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଥିଲେ ।

# ଅଣ ରାସନକାର୍ଡ ଧାରୀଙ୍କୁ ମିଳିବ କିରୋସିନ

**ଭୁବନେଶ୍ୱର, (ପିଏନ)-** କରୋନା ଭୁତାଣୁକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ ଲକ ଡାଉନ ଜାରୀ କରା ଯାଇଥିବା ବେଳେ ଅଣ ରାସନ କାର୍ଡଧାରୀଙ୍କର ଘରୋଇ ବ୍ୟବହାର ପାଇଁ କିରୋସିନି ତେଲର ଆବଶ୍ୟକତାକୁ ଆଖି ଆଗରେ ରଖି ଅଣ ରାସନକାର୍ଡଧାରୀଙ୍କୁ କିରୋସିନି ତେଲ ଯୋଗାଇ ଦିଆ ଯିବ । ୨୦୨୦ରେ କିରୋସିନି ପାଇଁ ଧ୍ୟାର୍ଯ୍ୟ ଦରରେ ଦୁଇ ଲିଟର ଲେଖାଏ କିରୋସିନି ତେଲ ଯୋଗାଇ ଦିଆ ଯିବ । ଖାଦ୍ୟ ଯୋଗାଣ ବିଭାଗର ସଚିବ ବୀର ବିକ୍ରମ ଯାଦବ ଏହି ମର୍ମରେ ଏକ ପତ୍ର ସମସ୍ତ ଜିଲ୍ଲାପାଳଙ୍କୁ ଲେଖିଛନ୍ତି। ଏଥିରେ ପାଖାପାଖି ୧୭ ଲକ୍ଷ ପରିବାର ଲାଭାନ୍ୱିତ ହେବେ ।

# ଆଜି ଏପ୍ରିଲ ସ୍ୱଦେଶୀ ସଂକଳ୍ପ ଦିବସ

**ଭୁବନେଶ୍ୱର,(ପିଏନ)-** ଏପ୍ରିଲ ୨୫ ତାରିଖକୁ ରାଷ୍ଟ୍ରୀୟ ସ୍ତରରେ ସ୍ୱଦେଶୀ ସଂକଳ୍ପ ଦିବସ ରୂପେ ପାଳନ କରିବାପାଇଁ ଆହ୍ୱାନ ଦେଇଛି ସ୍ୱଦେଶୀ ଜାଗରଣ ମଂଚ। କରୋନା ମହାମାରୀ କାରଣରୁ ସାରା ଦେଶରେ ଚୀନ ବିରୋଧରେ ଆକ୍ରୋଶ ସୃଷ୍ଟି ହୋଇଛି । ଏହି ଆକ୍ରୋଶକୁ ସଂକଳ୍ପ ରୂପଦେବାକୁ ଲକ୍ଷ୍ୟ ରଖିଛି ମଂଚ। ଏପ୍ରିଲ ୨୫ ତାରିଖ ସନ୍ଧ୍ୟାରେ ସ୍ୱଦେଶୀ ବସ୍ତୁର ବ୍ୟବହାର ଏବଂ ଚୀନ ବସ୍ତୁର ବହିଷ୍କାର କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ମଂଚର ରାଷ୍ଟ୍ରୀୟ ସଂଯୋଜକ ଆର ସୁନ୍ଦରମ ।ଆସନ୍ତାକାଲି (ଶନିବାର) ସନ୍ଧ୍ୟା ୦୬:୩୦ ମିନିଟରେ ଘରେ ଘରେ ପ୍ରଦୀପ ପ୍ରଜ୍ୱଳନ କରି କରୋନା ମହମାରିରୁ ମୁକ୍ତି ପାଇଁ ଇଷ୍ଟଦେବଙ୍କୁ ପ୍ରାର୍ଥନା କରିବା ପରେ ଏହି ସଂକଳ୍ପ ନେବାକୁ ମଂଚ ତରଫରୁ ଜନ ଜାଗରଣ ସୃଷ୍ଟି କରାଯାଉଛି । ସ୍ୱଦେଶୀ ବସ୍ତୁର ବ୍ୟବହାର ଏବଂ ଚାଇନା ବସ୍ତୁଗୁଡିକର ବହିଷ୍କାର କରିବା, ସ୍ୱଦେଶୀ ଅର୍ଥ ବ୍ୟବସ୍ଥା ଦ୍ୱାରା ବେରୋଜଗାରୀ ହଟେଇବା, ଦେଶର ସମ୍ପୂର୍ଣ୍ଣତା ଏବଂ ପର୍ଯ୍ୟାବରଣର ରକ୍ଷା ପାଇଁ ସଦାବେଳେ ପ୍ରୟାସରତ ରହିବା, ପରିବାରରେ ସ୍ୱଦେଶୀ ବସ୍ତୁର ବ୍ୟବହାର, ସଂଚୟ ସଂସ୍କୃତି, ସ୍ୱଦେଶୀ ଜୀବନଶୈଳୀ ପାଇଁ ଚେଷ୍ଟା, ଏହା ସହିତ ଜୈବିକ ବା ପାରମ୍ପରିକ କୃଷି ତଥା ଭାରତୀୟ କୁଟୀର ଶିଳ୍ପ ଉଦ୍ୟୋଗ ଗୁଡିକୁ ପ୍ରୋତ୍ସାହିତ କରିବାର ସଂକଳ୍ପ ନେବାକୁ ମଂଚ ଆହ୍ୱାନ ଦେଇଛି ।

# କରୋନା ମୁକାବିଲାର ଚତୁର୍ଥ ପର୍ଯ୍ୟାୟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, (ପିଏନ)-** କୋଭିଡ୍-୧୯ର ଚତୁର୍ଥ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି । ଏହି ପର୍ଯ୍ୟାୟ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚତୁର୍ଥ ପର୍ଯ୍ୟାୟରେ କରୋନା ସଂକ୍ରମଣକୁ ନିଜ ନିୟନ୍ତ୍ରଣରେ ରଖି ପାରିଲେ ହିଁ ଆମେ କରୋନା ବିରୋଧୀ ଲଢେଇରେ ଜିତି ପାରିବା । ଏହି ସତ୍ୟକୁ ସମସ୍ତଙ୍କୁ ସ୍ୱୀକାର ଓ ହୃଦୟଙ୍ଗମ କରିବାକୁ ପଡ଼ିବ । ଚତୁର୍ଥ ପର୍ଯ୍ୟାୟ ଲଢେଇକୁ କିପରି ସାମ୍ନା କରାଯିବ ତାହା ଯାଜପୁର , ଭଦ୍ରକ ଓ ବାଲେଶ୍ୱର , ଏହି ୩ ଜିଲ୍ଲା ରାଜ୍ୟବାସୀଙ୍କୁ ମାର୍ଗଦର୍ଶନ ଦେଇପାରିବେ ବୋଲି କହିଛନ୍ତି ରାଜ୍ୟ କୋଭିଡ୍-୧୯ ପ୍ରମୁଖ ମୁଖପାତ୍ର ସୁବ୍ରତ ବାଗଚୀ । ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବାଗଚୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ବାହାର ଦେଶରୁ ଆସିଥିବା ସଂକ୍ରମିତ , ଦ୍ୱିତୀୟ ପର୍ଯ୍ୟାୟରେ ତବଲିଗି ରୁ ଫେରିଥିବା ଏବଂ ତୃତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଫେରନ୍ତା ଙ୍କୁ ଆମେ ମୁକାବିଲା କରୁଛୁ । ଚତୁର୍ଥ ପର୍ଯ୍ୟାୟ ପାଇଁ ମୁକାବିଲା ଆରମ୍ଭ କରିବା ପୂର୍ବରୁ



ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା । ପଶ୍ଚିମବଙ୍ଗ ଫେରନ୍ତାମାନେ ଏହି ତିନି ଜିଲ୍ଲାକୁ ଫେରି ଆସିବା ପରେ ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବହୁଗୁଣରେ ବଢି ଯାଇଛି । ଏହି ତିନି ଜିଲ୍ଲା ମଧ୍ୟରୁ ଗୋଟିଏ ଜିଲ୍ଲାରୁ କରୋନା ଆକ୍ରାନ୍ତ ରୂପେ ଚିହ୍ନଟ ହୋଇଛନ୍ତି ଜଣେ ୭୦ ବର୍ଷ ଓ ଅନ୍ୟଜଣେ ୮୦ ବର୍ଷ ବୟସ୍କ ବୃଦ୍ଧା । ଯେଉଁମାନେ କି ନିକଟ ଅତୀତରେ କେବେ ବି ସେମାନଙ୍କ ପରିବାର ଓ ଘର ମଧ୍ୟରୁ ପଦାକୁ ବାହାରି ନଥିଲେ । ପଶ୍ଚିମବଙ୍ଗ ଫେରନ୍ତାମାନେ ନଜ ଘରକୁ କରୋନାକୁ ନେଇ ଫେରିବା ପରେ ସେମାନେ କରୋନା ସଂକ୍ରମିତ ହୋଇଛନ୍ତି ।ରାଜ୍ୟ ସରକାରଙ୍କ ୬୦ ଘଂଟା ପାଇଁ ଏହି ତିନି ଜିଲ୍ଲାରେ ସଂପୂର୍ଣ୍ଣ ସଟ୍ ଡାଉନ ଘୋଷଣା କରିବା ସହ କଂଟାକ୍ଟଟ୍ରେସିଂ, ସର୍ଭେଲାନ୍ସ ଓ ପରୀକ୍ଷଣକୁ ଜୋରଦାର କରିଛନ୍ତି । ତେଣୁ, ଏହି ତିନି ଜିଲ୍ଲାକୁ ଫେରିଥିବା ସମସ୍ତ ଫେରନ୍ତାମାନେ ଆଗକୁ ଆସନ୍ତୁ, ପ୍ରଶାସନକୁ ସହାୟତା କରନ୍ତୁ ବୋଲି ଅନୁରୋଧ କରିଛନ୍ତି ଶ୍ରୀ ବାଗଚୀ । ଏହା ଦ୍ୱାରା ସେମାନେ ନିଜକୁ, ନିଜ ପରିବାର ଓ ସମାଜକୁ ସୁରକ୍ଷିତ ରଖିପାରିବେ ଓ ଚତୁର୍ଥ ପର୍ଯ୍ୟାୟ ଲଢେଇରେ ସଫଳତା ପାଇଁ ଏହି ତିନି ଜିଲ୍ଲାବାସୀ ରାଜ୍ୟକୁ ମାର୍ଗଦର୍ଶନ ଦେଇପାରିବେ ବୋଲି କହିଛନ୍ତି ଶ୍ରୀ ବାଗଚୀ ।

# ଗୋଟିଏ ଦିନରେ ୫ କରୋନା ପଜିଟିଭ୍

**ଭଦ୍ରକ/ଭୁବନେଶ୍ୱର, (ପିଏନ)-** ଶୁକ୍ରବାର ଗୋଟିଏ ଦିନରେ ରାଜ୍ୟରେ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସମସ୍ତ ଆକ୍ରାନ୍ତମାନେ ଭଦ୍ରକ ଜିଲ୍ଲାର ହୋଇଥିବା ବେଳେ ସମସ୍ତେ ପୁରୁଷ । ସେମାନେ ସମସ୍ତେ ପଶ୍ଚିମବଙ୍ଗରୁ ଫେରିଥିଲେ । ଏହାପରେ ଜିଲ୍ଲାର କିଛି ପଂଚାୟତକୁ କଂଟେନମେଂଟ ଜୋନ୍ ଭାବେ ଘୋଷଣା କରାଯାଇଛି । ଏଥିସହ ଜିଲ୍ଲାରେ ପଜିଟିଭ୍ ଙ୍କ ସଂଖ୍ୟା ୧୬କୁ ବୃଦ୍ଧି ପାଇଥିବା ବେଳେ ରାଜ୍ୟରେ ପଜିଟିଭ୍ ଙ୍କ ସଂଖ୍ୟା ୯୪ ଛୁଇଁଛି ।

ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ବାସୁଦେବପୁର ବ୍ଲକ ବ୍ରାହ୍ମଣୀଗାଁର ଜଣେ କଲିକତା ଫେରନ୍ତା ୪୦ ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେବା ପରେ ବ୍ରାହ୍ମଣୀଗାଁ ଓ ଅରଣ୍ଡୁଆ ଗ୍ରାମପଂଚାୟତକୁ କଂଟେନମେଂଟ୍ ଜୋନ୍ ଭାବେ ଘୋଷଣା କରାଯାଇଥିଲା । ସେହିପରି ଅପରାହ୍ନରେ ପୁଣି ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ୨ ଜଣ ତିହିଡ଼ି ବ୍ଲକର ବାସିନ୍ଦା ହୋଇଥିବା ବେଳେ ଅନ୍ୟ ୨ ଜଣ ଧାମନଗର ବ୍ଲକର ଅଧିବାସୀ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା ଧାମନଗର ବ୍ଲକର ୨ ପଂଚାୟତ ଖଡିପଦା ଓ କଲ୍ୟାଣୀରେ ୨ ଜଣ ଏବଂ ତିହିଡିରେ ଦୁଇ ପଂଚାୟତ ବାମନବିନ୍ଧା ଓ କାପଡ଼ାରେ ୨ ଜଣ ଚିହ୍ନଟ ହୋଇଥିବାରୁ ଏହି ୪ଟି ପଂଚାୟତକୁ କଂଟେନମେଂଟ ଜୋନ ଭାବେ ଘୋଷଣା କରାଯାଇଛି ।ନୂତନ ଚିହ୍ନଟ ପଜିଟିଭ୍ ଙ୍କ ମଧ୍ୟରୁ ୨ ଜଣ ତିହିଡି ବ୍ଲକ୍ ର ହୋଇଥିବା ବେଳେ ୨ ଜଣ ଧାମନଗର ବ୍ଲକର ।ସମସ୍ତେ ପୁରୁଷ । ସେମାନଙ୍କ ବୟସ ଯଥାକ୍ରମେ ୪୦ ବର୍ଷ , ୨୯ ବର୍ଷ , ୪୧ ବର୍ଷ ଏବଂ ୨୪ ବର୍ଷ । ସମସ୍ତେ ପଶ୍ଚିମବଙ୍ଗରୁ ଫେରିଥିବା ସୂଚନା ମିଳିଛି । ସେମାନଙ୍କ କଂଟାକ୍ଟ ଟ୍ରେସିଂ ଜାରି ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

ଉଲ୍ଲେଖ୍ୟଯୋଗ୍ୟ ଯେ ଶୁକ୍ରବାର ଦିନ ପୂର୍ବାହ୍ନରେ ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ସେ ମଧ୍ୟ ଭଦ୍ରକର ଥିଲେ । ଏହି ୪ଟି ପଂଚାୟତକୁ ମିଶାଇ ସମଗ୍ର ଜିଲ୍ଲାରେ ମୋଟ ୧୭ଟି ପଂଚାୟତକୁ କଂଟେନମେଂଟ୍ ଜୋନ ଘୋଷଣା କରାଯାଇଛି ।

# ମୁଖ୍ୟମନ୍ତ୍ରୀ ମମତାଙ୍କୁ ସମ୍ବିଧାନର ପାଠ ପଢାଇଲେ ରାଜ୍ୟପାଳ

**କୋଲକାତା, (ପିଏନ)-** ରାଜ୍ୟରେ ସବୁ ପ୍ରକାରର ଅବ୍ୟବସ୍ଥାକୁ ନେଇ ରାଜ୍ୟପାଳ ଜଗଦୀପ ଧନଖରଙ୍କ ଚିଠିର ଜବାବରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଜନତା ନିର୍ବାଚିତ କରିଛନ୍ତି ଏବଂ ଆପଣ ମନୋନୀତ ହୋଇଥିବା କହିଥିଲେ । ଏହାର ଜବାବ ଦେଇଛନ୍ତି ରାଜ୍ୟପାଳ । ଗୁରୁବାର ରାତିରେ ରାଜ୍ୟପାଳ ତିନି ପୃଷ୍ଠାର ଏକ ଚିଠି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଛନ୍ତି । ଏଥିରେ ୨୨ ଦିଗ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି । ଏହି ଚିଠିରେ ରାଜ୍ୟପାଳ ମୁଖ୍ୟତଃ ମମତାଙ୍କୁ ସମ୍ବିଧାନର ପାଠ ପଢାଇଛନ୍ତି ଏବଂ କହିଛନ୍ତି ଆପଣ ସବୁ କ୍ଷେତ୍ରରେ ରାଜ୍ୟବାସୀଙ୍କୁ ଉନ୍ନତ ସେବା ଉପଲବ୍ଧ କରାଇବା ଏବଂ ସମ୍ବିଧାନର ପାଳନ କରିବାରେ ବିଫଳ ହୋଇଛନ୍ତି ।ନିଜର ଚିଠିରେ ରାଜ୍ୟପାଳ ଲେଖିଛନ୍ତି ଯେ, ପଶ୍ଚିମବଙ୍ଗରେ ନିକଟରେ ମହାମାରୀ ଏହି ଘଡିସନ୍ଧି ମୁହୂର୍ତରେ ଖରାପ ରାସନ ବିତରଣ ଓ ବିପର୍ଯ୍ୟୟ ବ୍ୟବସ୍ଥାକୁ ନେଇ ହିଂସାକାଣ୍ଡ ଘଟିଛି । ଲୋକଙ୍କ ମୌଳିକ ଅଧିକାରକୁ ସମାପ୍ତ କରି ଦିଆଯାଇଛି । ଯଦି ରାଜ୍ୟର ସାମ୍ବିଧାନିକ ପ୍ରମୁଖ ଭାବେ ମୁଁ ଆପଣଙ୍କୁ ଏହି ବିଷୟରେ ଲେଖିଲେ କି ଜଣାଇଲେ ଆପଣମାନେ ଏହି ଦିଗ ପ୍ରତି ଚିନ୍ତା କରିବ ବଦଳରେ ବ୍ୟକ୍ତିଗତ ଅହଙ୍କାରରେ ବୁଡି ରହୁଛନ୍ତି । ଆପଣଙ୍କ ନିଜର ଏହି ପରି ବ୍ୟବହାର ଉପରେ ବିଚାର କରିବା ଉଚିତ୍ ।ସମ୍ବିଧାନର ଶପଥକୁ ସ୍ମରଣ କରାଇ ରାଜ୍ୟପାଳ ଲେଖିଛନ୍ତି, ଆପଣ ଏହି କଥାର ଶପଥ ନେଇଥିଲେ ଯେ, ରାଜ୍ୟର ଲୋକଙ୍କ ହିତ ପାଇଁ ବିନା ଭୟ, ଡର ଏବଂ ପକ୍ଷପାତରେ କାମ କରିବି ।

## ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ

# ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ପରେ ଚୂଡ଼ାନ୍ତ ନିଷ୍ପତି

**ପୁରୀ, (ପିଏନ)-** କରୋନା କଟକଣା ପରିପ୍ରେକ୍ଷୀରେ କିପରି ରଥଯାତ୍ରା ଓ ଚନ୍ଦନଯାତ୍ରା ଆୟୋଜିତ ହେବ ସେ ସଂପର୍କରେ ଶୁକ୍ରବାର ପୂର୍ବାହ୍ନରେ ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଜପତି ମହାରାଜା ଦିବ୍ୟସିଂହ ଦେବ ଭୁବନେଶ୍ୱର ଠାରେ ରହି ଭିଡ଼ିଓ କନଫରେନ୍ସ ଜରିଆରେ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ କୌଣସି ଚୂଡ଼ାନ୍ତ ନିଷ୍ପତି ହୋଇପାରିନଥିଲା । ସନ୍ଧ୍ୟା ୭ଟାରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଛତିଶା ନିଯୋଗର ମହାନାୟକ, ନିର୍ଦ୍ଦିଷ୍ଟ କେତେକ ବରିଷ୍ଠ ସେବାୟତ, ପରିଚାଳନା କମିଟିର ସଦସ୍ୟମାନେ ଭେଟି ପରାମର୍ଶ ନେବା ସହ ଗଜପତି ଚୂଡ଼ାନ୍ତ ମନ୍ତବ୍ୟ ରଖିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଓ ରାଜ୍ୟ ସରକାର ମେ ୩ ତାରିଖ ପର୍ଯ୍ୟନ୍ତ ଲକ୍ ଡାଉନ ଜାରି ରଖିଥିବାରୁ କୌଣସି ଧାର୍ମିକ ଯାତ୍ରା ହୋଇପାରିବ ନାହିଁ ବୋଲି ଆଦେଶ ରହିଛି । ମୁଖ୍ୟତଃ ଆସନ୍ତା ରବିବାର ଦିନ ଅକ୍ଷୟ ତୃତୀୟା ତିଥି ଅବସରରେ ରଥ ନିର୍ମାଣ ଅନୁକୂଳ ଓ ଚନ୍ଦନଯାତ୍ରା ନୀତି କିପରି ଚୂଡ଼ାନ୍ତ ହେବ ସେ ସଂପର୍କରେ ଖୁବଶୀଘ୍ର ନିଷ୍ପତି ନିଆଯାଇପାରେ । ଚନ୍ଦନଯାତ୍ରାର ନୀତିକାନ୍ତି, ବ୍ୟବସ୍ଥାବଳୀ, ଅକ୍ଷୟତୃତୀୟା ନୀତି, ଶ୍ରୀମନ୍ଦିରରୁ ନରେନ୍ଦ୍ରପୁଷ୍କରିଣୀକୁ ଚଳନ୍ତି ପ୍ରତିମା ବିଜେ ପଟୁଆର, ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର, ଭକ୍ତଙ୍କ ଦର୍ଶନ ଓ ସାମାଜିକ ଦୂରତା କିପରି ରକ୍ଷା କରାଯାଇପାରିବ ସେ ସଂପର୍କରେ ମଧ୍ୟ ବିଧିବଦ୍ଧ ଆଲୋଚନା ହୋଇଥିଲା । କେତେକ କମିଟି ସଦସ୍ୟ ପୁରୀ ସହରକୁ ନାକାବନ୍ଦୀ କରି ଅଳ୍ପ ସଂଖ୍ୟକ ଭକ୍ତଙ୍କ ଜରିଆରେ ରଥଯାତ୍ରା ସମାପନ ପାଇଁ ମତ ଦେଇଥିଲେ । ଅନ୍ୟ କେତେକ ସଦସ୍ୟ ରଥଯାତ୍ରା ଅନୁଷ୍ଠିତ ହେଲେ ଲକ୍ଷ ଲକ୍ଷ ଲୋକ ପୁରୀ ମାଡି ଆସିବେ । ସାମାଜିକ ଦୂରତା ରକ୍ଷା କରିବା ଅସମ୍ଭବ ହୋଇପଡିବ । ଏଣୁ ବିଧିମତେ ରଥଯାତ୍ରାକୁ ବନ୍ଦ କରିବା ପାଇଁ ମତ ଦେଇଥିଲେ ।



ପ୍ରଥମ ଥର ପାଇଁ ଭିଡିଓ କନଫରେନ୍ସ ଜରିଆରେ ଭୁବନେଶ୍ୱରରେ ଗଜପତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଶନ କୁମାର, ପରିଚାଳନା କମିଟି ସଦସ୍ୟ ରଘୁନାଥ ମହାପାତ୍ର ରହିଥିବା ବେଳେ ପୁରୀରେ ଜିଲ୍ଲାପାଳ ବଳଵନ୍ତ ସିଂ, ଏସପି ଡା. ଉମାଶଙ୍କର ଦାସ, ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଉନ୍ନୟନ ପ୍ରଶାସକ ଏବଂ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ସମସ୍ତ ସଦସ୍ୟ ମାକ୍ସ ପିନ୍ଧିଥିବା ଓ ସାମାଜିକ ଦୂରତା ରକ୍ଷାକରି ବସିଥିବା ଦେଖିବାକୁ ମିଳିଥିଲା । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଦର୍ଶନ କରିବା ପାଇଁ ସାରା ଭାରତ ଓ ବିଦେଶରେ ଭକ୍ତମାନେ ଚାହିଁ ରହିଥାନ୍ତି । ଏ ସଂପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଥିବା ସୂଚନା ମିଳିଛି ।

ଗତକାଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲ୍ଲାପାଳ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ରଥଯାତ୍ରା ସମ୍ପର୍କରେ ମଧ୍ୟ ସମ୍ୟକ ଆଲୋଚନା କରାଯାଇଥିବା ଅନୁମାନ କରାଯାଉଛି । ମହାପ୍ରଭୁଙ୍କର ରଥଯାତ୍ରା ଓ ନୀତିକାନ୍ତ ବନ୍ଦ ନକରିବା ପାଇଁ ଅନେକ ସେବାୟତ ମତ ଦେଇଥିଲେ । ଶ୍ରୀଗୁଣ୍ଡିଚା ଯାତ୍ରା ଜୁନ୍ ୨୩ରେ ପଡୁଥିବାରୁ ଓ ମେ ୩ରେ ଲକ୍ ଡାଉନ ଉଠିବ କି ନାହିଁ ସେ ସମ୍ପର୍କରେ ଜଣାପଡିବା ପରେ ଆଗକୁ କ'ଣ ହେବ ତାହା ସ୍ପଷ୍ଟ ହୋଇଯିବ । ଗଜପତି ମହାରାଜା କହିଛନ୍ତି, ଜୀବନ ରକ୍ଷା ଆଗ ଓ ଯାନିଯାତ୍ରା ପଛ । ଗଜପତି ଯାହା ନିଷ୍ପତି ନେବେ ସେଥିରେ ସମସ୍ତଙ୍କ ସହମତି ରହିଛି ବୋଲି ପରିଚାଳନା କମିଟିର କେତେକ ସଦସ୍ୟ ମତ ଦେଇଥିଲେ । କଟକଣା ସହ ରଥଯାତ୍ରା କରାଯିବା ଅତ୍ୟନ୍ତ କଷ୍ଟଦାୟକ ବୋଲି କେତେକ ସଭ୍ୟ ମତ ଦେଇଥିଲେ । ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ପରେ ଗଜପତି ମହାରାଜାଙ୍କ କ'ଣ ମନ୍ତବ୍ୟ ରହିବ ତାକୁ ନେଇ ସମସ୍ତଙ୍କ ମନରେ ରହିଛି ଉତ୍ସାହ ।





ରିପବ୍ଲିକ୍ ଟିଭି ମୁଖ୍ୟଙ୍କ ଗିରଫ ଦାବି କରି ପୁରୀରେ କଂଗ୍ରେସ କର୍ମୀମାନେ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ

## ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରେ ୫ ଲକ୍ଷ ଫଳ ଗଛ ଲଗାଇବା ପାଇଁ ଯୋଜନା

ଭୁବନେଶ୍ୱର: କୋଭିଡ୍-୧୯ର ଏହି ସଙ୍କଟ ସମୟରେ ଯେତେବେଳେ ଭବିଷ୍ୟତକୁ ନେଇ ନିରାଶା ଓ ଅନିଶ୍ଚିତତା ଜାରି ରହିଛି, ସେତେବେଳେ ବୃକ୍ଷ ରୋପଣ କରିବାର ଶପଥ ହେଉଛି ସମଗ୍ର ବିଶ୍ୱର ଆବଶ୍ୟକତା। ଏପ୍ରିଲ ୨୨ ତାରିଖରେ ପୃଥିବୀ ଦିବସ ପାଳନ କରାଯାଉଥିବାରୁ ଜାତିସଂଘ ଆଧାରିତ ପୁନଃବନୀକରଣ ଅଣଲାଭକାରୀ ସଂସ୍ଥା ୱାନ୍ ଟ୍ରୀ ପ୍ଲାନ୍‌ଟେଡ୍ ପକ୍ଷରୁ ଚଳିତ ବର୍ଷ ମୌସୁମୀ ଋତୁ ସମୟରେ ଦେଶବ୍ୟାପୀ ୫ ଲକ୍ଷ ଫଳ ଗଛ ରୋପଣ କରି ସହଯୋଗ କରିବାକୁ ପ୍ରତିବଦ୍ଧ ହୋଇଛି। ଏହି ଗଛଗୁଡିକୁ ଭାରତର ସୀମାନ୍ତ ଓ କ୍ଷୁଦ୍ର ଚାଷୀଙ୍କ ଜମିରେ ଲଗାଯିବ। ଏହି ଚାଷୀ ପରିବାରଗୁଡିକ ପାଇଁ ଫଳ ଗଛ ବିନା ଖର୍ଚ୍ଚରେ କେବଳ ଏକ ଉତମ ପୋଷଣ ନୁହେଁ ବରଂ ଏହି ଫସଲ ସେମାନଙ୍କୁ ଏକ ସକାରାତ୍ମକ ସାମାଜିକ ଓ ଆର୍ଥିକ ପ୍ରଭାବ ପାଇଁ ଅନୁପୂରକ ଆୟ ପ୍ରଦାନ କରିବ।ଏଭଳି ଏକ ସମୟରେ ଯେତେବେଳେ ବହୁସଂଖ୍ୟକ ପ୍ରବାସୀ ଶ୍ରମିକ ନିଜ ଜନ୍ମମାଟିକୁ ଫେରୁଛନ୍ତି, ଯାହାକି ଏକ କଠୋର ବାସ୍ତବତା, ସେତେବେଳେ ଏଭଳି ଦ୍ରୁତ ଫଳପ୍ରଦ ଗଛ ଯେପରିକି କଦଳୀ, ଅମୃତଭଣ୍ଡା ଆଦି ସେମାନଙ୍କ କ୍ଷୁଦା ଦୂର କରିପାରିବ। ସଜନା, ଅମୃତଭଣ୍ଡା ଓ କଦଳୀ ଭଳି ଗଛ ରୋପଣର ମାତ୍ର ୮ରୁ ୧୦ ମାସ ମଧ୍ୟରେ ଖାଦ୍ୟ ଓ ଫଳ ଉତ୍ପାଦନ କରିପାରିଥାନ୍ତି। ଲେମ୍ବୁ, ପିଜୁଳି, ଆପ୍ରିକଟ, ପିୟର, ପିଚ୍ ଓ ଜୁଜୁବେ ଆଦି ଫଳ ୩ୟ ବର୍ଷରେ ଫଳ ଉତ୍ପାଦନ କରିଥାନ୍ତି। ଦୀର୍ଘାବଧି ଲାଭ ଯଥେଷ୍ଟ ଅଧିକ ରହିଥାଏ। ବର୍ଷ ପରେ ବର୍ଷ ପ୍ରାୟ ୫୦ରୁ ୬୦ ବର୍ଷ ପାଇଁ ପ୍ରତ୍ୟେକ ଗଛ ବାର୍ଷିକ ସର୍ବନିମ୍ନ ୧୦୦୦ ଟଙ୍କାର ଫଳ ଓ ପୋଷଣ ପ୍ରଦାନ କରିଥାନ୍ତିଏବଂ ୫ ଲକ୍ଷ ଫଳ ଗଛ ପ୍ରାୟ ୫୦ କୋଟି ଟଙ୍କା ମୂଲ୍ୟର ଫଳ ଓ ପୋଷଣ ପ୍ରଦାନ କରିଥାନ୍ତି।

# ଜିଲ୍ଲାପାଳ ଓ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ

**ପୁରୀ, (ପିଏନ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନେଇ ଲକ୍ଷ ଲକ୍ଷ ଭକ୍ତ ଏବେ ଦ୍ୱନ୍ଦରେ ପଡିଛନ୍ତି। କରୋନା କଟକଣା ପାଇଁ ଲକ୍ ଡାଉନ ଅଧିକ ସମୟ ରହିବା ଅନୁମାନ କରାଯାଉଥିବାରୁ ରଥଯାତ୍ରାରେ ସାମାଜିକ ଦୂରତ୍ୱ ରହିବା ଅସମ୍ଭବ ହୋଇପଡିବ। ରଥଯାତ୍ରାର ଅଙ୍ଗ ପର୍ବ ଅକ୍ଷୟତୃତୀୟା ପୂର୍ବରୁ ଗୋବର୍ଦ୍ଧନ ପୀଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଶନ କୁମାର ଓ ଜିଲ୍ଲାପାଳ ବଲୱନ୍ତ ସିଂ ଗୁରୁବାର ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସୌଜନ୍ୟ ମୂଳକ ଓ ଗୁରୁଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ପୀଠ ପକ୍ଷରୁ ସଫେଇ ଦିଆଯାଉଥିଲେ ମଧ୍ୟ ପ୍ରକୃତ ରହସ୍ୟ ରଥଯାତ୍ରା ସଂପର୍କରେ ପରାମର୍ଶ ଗ୍ରହଣ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅନୁମାନ କରାଯାଉଛି। ଆଉ ଦୁଇଦିନ ପରେ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଓ ରଥ ନିର୍ମାଣ ଶୁଭ ଅନୁକୂଳ ଅକ୍ଷୟତୃତୀୟା ତିଥିରେ ଆରମ୍ଭ ହେବ। ତା ପୂର୍ବରୁ ଦୁଇ ଅଧିକାରୀ ଶଙ୍କରାଚାର୍ଯ୍ୟଙ୍କୁ ଭେଟିବା ଗୁରୁତ୍ୱ ପୂର୍ଣ୍ଣ ହୋଇପଡିଛି। ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶମତେ ଶ୍ରୀମନ୍ଦିରର ନୀତିକାନ୍ତି ପର୍ବପର୍ବାଣି ସଂପର୍କରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେବା ପାଇଁ ଆଦେଶ ରହିଛି। ଅନ୍ୟ ପକ୍ଷରେ ଜଣେ ସାମାଜିକ କର୍ମୀ ରଥଯାତ୍ରାକୁ କରୋନା ପରିପ୍ରେକ୍ଷୀରେ ବନ୍ଦ କରିବା ପାଇଁ ମାନ୍ୟବର ହାଇକୋର୍ଟର ମୁଖ୍ୟବିଚାରପତିଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଦର୍ଶାଇଛନ୍ତି ରଥଯାତ୍ରାରେ ୧୫ଲକ୍ଷ ଲୋକ ସମାଗମ ହେବ। ସାମାଜିକ ଦୂରତା ରହିବନାହିଁ। ବିଶ୍ୱ ମହାମାରୀ କରୋନା ପାଇଁ ରଥଯାତ୍ରାକୁ ବନ୍ଦ କରିବା ପାଇଁ ମାନ୍ୟବର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନ କରିଛନ୍ତି। ରଥ ନିର୍ମାଣ ପାଇଁ କାଠ ରଥଖଳାରେ ପହଂଚୁଥିବା ବେଳେ କଟକ ଖପୁରିଆରେ ରଥକାଠ ଚିରଟ ଆରମ୍ଭ ହୋଇଛି। ରଥ ନିର୍ମାଣ ପାଇଁ ବିଶ୍ୱକର୍ମା ମହାରଣାମାନଙ୍କ ଛାମୁଡିଆ ବଢାଇ ଦିଆଯାଇଛି। ସେହିପରି ଚନ୍ଦନଯାତ୍ରା ପାଇଁ ଅନେକ ଭକ୍ତ ଠାକୁରଙ୍କ ସାଙ୍ଗରେ ପବିତ୍ର ନରେନ୍ଦ୍ର ପୁଷ୍କରିଣୀକୁ ଚାପ ଖେଳିବା ନିମନ୍ତେ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ସାମାଜିକ ଦୂରତା ରୋଗ ପ୍ରତିହତ ପାଇଁ ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଏହିସବୁ ଯାତ୍ରା କିପରି ବିଧିମତଭାବେ ଅନୁଷ୍ଠିତ ହେବ ସେ ସଂପର୍କରେ ବିଷାରଦଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ଆଲୋଚନା କରୁଛନ୍ତି। ଭୁବନେଶ୍ୱର ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ବନ୍ଦ ହୋଇଯାଇଛି। ସେହିପରି ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବନ୍ଦ ହୋଇଯିବନିତ ବୋଲି ଭକ୍ତମାନଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଜୁନ୍ ୫ରେ ଦେବସ୍ନାନ ପୂର୍ଣ୍ଣମୀ ଓ ୨୩ରେ ଗୁଣ୍ଡିଚା ଯାତ୍ରା ସହ ଜୁଲାଇ ୪ରେ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। କରୋନା ପାଇଁ ଗାଡିମୋଟର ବନ୍ଦ କଲେ ମଧ୍ୟ ଭକ୍ତମାନେ ଚାଲିକରି ଆସିବାର ସମ୍ଭାବନା ରହିଛି। ସବୁ ଦୃଷ୍ଟିରୁ ବିଚାର କରି ଶ୍ରୀମନ୍ଦିର ପ୍ରଶାସନ ଏ ସଂପର୍କରେ ରାଜ୍ୟ ସରକାରଙ୍କୁ ଜଣାଇବା ପରେ ରାଜ୍ୟ ସରକାର ରଥଯାତ୍ରା ସଂପର୍କରେ ନିଷ୍ପତି ନେଇପାରନ୍ତି। ବିଗତ ବହୁବର୍ଷ ତଳେ ପୁରୀ ରଥଯାତ୍ରା ବନ୍ଦ ହୋଇଯିବା ନଜିର ରହିଛି। ରଥଯାତ୍ରା ସଂପର୍କରେ ଶଙ୍କରାଚାର୍ଯ୍ୟ, ଜଗପତି ମହାରାଜା, ବିଭିନ୍ନ ମଠର ମହନ୍ତ, ଗବେଷକ ଓ ଶାସ୍ତ୍ରବିତ୍‌ଙ୍କ ସହ ପରାମର୍ଶ ନିଆଯାଉଛି। ସାମାଜିକ ଦୂରତା ରକ୍ଷାକରି ରଥ ଦଉଡି ଟାଣିବା ମଧ୍ୟ ସମ୍ଭବ ନୁହେଁ। ଏବେ ଲକ୍ଷ ଲକ୍ଷ ଭକ୍ତ ରାଜ୍ୟ ସରକାରଙ୍କ ନିଷ୍ପତିକୁ ଚାହିଁବସିଛନ୍ତି।

## ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀଙ୍କ ବିରୋଧରେ ପୋଲିସ୍ କମିଶନରଙ୍କ ନିକଟରେ ଅଭିଯୋଗ କଲେ ପିସିସି ସଭାପତି

**ଭୁବନେଶ୍ୱର, (ପିଏନ)-** ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ଦିନ ଭୁବନେଶ୍ୱର - କଟକ ପୋଲିସ କମିଶନରଙ୍କୁ ଭେଟି ଏଆଇସିସି ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ଆକ୍ଷେପ କରିଥିବା ଅଭିଯୋଗରେ ରିପବ୍ଲିକ୍ ଟିଭି ଚ୍ୟାନେଲର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ସମ୍ପାଦକ ଶ୍ରୀ ଅର୍ନବ ରଞ୍ଜନ ଗୋସ୍ୱାମୀଙ୍କ ନାମରେ ଅଭିଯୋଗ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।

ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ଚଳିତ ମାସ ୧୬ ଓ ୧୭ ମଧ୍ୟରାତ୍ରି ରେ ପାଲଘର (ମହାରାଷ୍ଟ୍ର) ରେ ହୋଇଥିବା ଗୋଷ୍ଠୀ ହିଂସା ବିଷୟରେ ୨୧ ତାରିଖ ଦିନ ରିପବ୍ଲିକ୍ ଟିଭି ଚ୍ୟାନେଲର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ସମ୍ପାଦକ ଶ୍ରୀ ଅର୍ଣ୍ଣବ ରଞ୍ଜନ ଗୋସ୍ୱାମୀ ଉପସ୍ଥାପକ ଭାବେ ଅଖିଳ ଭାରତ କଂଗ୍ରେସ କମିଟି ର ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ଆକ୍ଷେପ କରି ଅଶାଳୀନ ଓ ବିବାଦୀୟ ମନ୍ତବ୍ୟ ଦେବାସହ ସହ କିଛି ଧାର୍ମିକ ଗୋଷ୍ଠୀ ବିଷୟରେ ବିବାଦୀୟ ମନ୍ତବ୍ୟ ରଖିଥିଲେ। ଯାହାଦ୍ୱାରା ଶ୍ରୀମତୀ ଗାନ୍ଧୀଙ୍କ ସମ୍ମାନ ଓ ମର୍ଯ୍ୟାଦା ହାନୀ ଘଟିବା ସହ ସାମ୍ପ୍ରଦାୟିକ ହିଂସା କୁ ପ୍ରୋତ୍ସାହିତ କରାଯାଇଛି। ଏହା ଶ୍ରୀ ଗୋସ୍ୱାମୀଙ୍କ କିଛି ଧାର୍ମିକ ଗୋଷ୍ଠୀ ମାନଙ୍କ ପ୍ରତି ଥିବା ବ୍ୟକ୍ତିଗତ ଆକ୍ରୋଶ ଓ କୁଣ୍ଠିତ ମନୋଭାବକୁ ସୂଚାଉଛି। ଏଣୁ ତୁରନ୍ତ ଶ୍ରୀ ଅର୍ନବ ରଞ୍ଜନ ଗୋସ୍ୱାମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିସିସି ସଭାପତି ଦାବି କରିଛନ୍ତି।


ତିନି ଜିଲ୍ଲାରେ ନୂତନ ଭାବେ ନିର୍ମିତ କରୋନା ଡାକ୍ତରଖାନାକୁ ୫-ଟି ସଚିବ ଭିକେ ପାଣ୍ଡିୟାନ୍ ବୁଲି ଦେଖିବା ସହ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି

## ବଜାଜ ଫାଇନାନ୍ସ ଗ୍ରାହକଙ୍କ ପାଇଁ କୋଭିଡ୍-୧୯ ମୋରାଟୋରିଅମ୍ ସୁବିଧା

ଭୁବନେଶ୍ୱର: ବଜାଜ ଫାଇନାନ୍ସ ଲିମିଟେଡ୍ (ବିଏଫ୍ଏଲ୍) ଏହାର ସମସ୍ତ ଭଲ ଟ୍ରାକ୍ ରେକର୍ଡ ଥିବା ଗ୍ରାହକମାନଙ୍କୁ ଋଣ ପରିଶୋଧ କରିବା ଲାଗି ମହଲତ ଦେଉଛି। ଯେଉଁ ଗ୍ରାହକମାନଙ୍କର କୌଣସି ପ୍ରକାର ଋଣରେ ଦୁଇରୁ ଅଧିକ ଇଏମ୍ଆଇ ବକେୟା ନାହିଁ, ସେହି ସବୁ ଗ୍ରାହକ ୨୦୨୦ର ମାର୍ଚ୍ଚ, ଏପ୍ରିଲ୍ ଓ ମେ' ମାସର ଇଏମ୍ଆଇ ପଇଠ ନକରିବା ଲାଗି ମହଲତ ପାଇବାକୁ ଯୋଗ୍ୟ। ଯଦି ୨୦୨୦ ମାର୍ଚ୍ଚ ୧ ପରେ କୌଣସି ପ୍ରକାର ଋଣକୁ ମଞ୍ଜୁର କରାଯାଇଥିବ ତେବେ ତାହା ଉପରେ କୌଣସି ପ୍ରକାର ମହଲତ ଲାଭ ମିଳିବ ନାହିଁ।ମୋରାଟୋରିୟମ (ଋଣ ପରିଶୋଧ ଲାଗି ମହଲତ)ର ଲାଭ ପାଇବାକୁ ହେଲେ ଗ୍ରାହକମାନଙ୍କୁ ଋଣ ଖାତାର ବିବରଣୀ ଏବଂ ମୋରାଟୋରିୟମ୍ ହାସଲ କରିବାର କାରଣ ଦର୍ଶାଇ ଙଂରମବକ୍ସରଅଭବହବହଲସଭଣ୍ବରକ୍ସଙ୍ଂ.ସଭ ଜରିଆରେ କଂପାନିକୁ ଅନୁରୋଧ କରିବାକୁ ପଡ଼ିବ। ଏହା ବ୍ୟତୀତ ଗ୍ରାହକମାନେhttps://customer-login.bajajfinserv.in/Customer?Source=Raise ଏହି ଲିଙ୍କ୍ ଉପରେ ଲଗ୍ ଇନ୍ କରିପାରବେ ଏବଂ ନିଜକୁ ସ୍ୱ-ପ୍ରମାଣିତ କରିପାରିବେ। ଏଥିରେ ଥିବା "ରେଜ୍ ଏ ରିକ୍ୱେଷ୍ଟ' ସେକ୍ସନରେ ଯାଇ ଉତ୍ପାଦ ଡ୍ରପ୍‌ଡାଉନ୍‌ରୁ କୋଭିଡ୍-୧୯ ଚୟନ କରିବାକୁ ହେବ। ଏହା ପରେ ଋଣର ବିବରଣୀ ଚୟନ କରନ୍ତୁ ଏବଂ ନିୟମ ଓ ସର୍ତକୁ ଧ୍ୟାନ ଦେଇ ପଢ଼ନ୍ତୁ ଏବଂ ସେଥିରେ ସହମତ ହେବା ପରେ ଗ୍ରାହକ ନିଜର ଅନୁରୋଧକୁ ପଇଠ କରିପାରିବେ।



# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday, April 25,2020 ଭୁବନେଶ୍ୱର ଶନିବାର ଅପ୍ରେଲ ୨୫,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com






୬୦ ଘଣ୍ଟିଆ ସଟଡାଉନର ପ୍ରଥମ ଦିନରେ ବାଲେଶ୍ୱରର କିଛି ଦୃଶ୍ୟ

## ଜିଲ୍ଲାପାଳଙ୍କ ଭିଡିଓ କନଫରେନ୍ସ ଯୋଗେ ଜିଲ୍ଲାର ସରପଞ୍ଚମାନଙ୍କ ସହ ଆଲୋଚନା

**କେନ୍ଦ୍ରାପଡା (ପିଏନ)**-ଜିଲ୍ଲାପାଳ ସମର୍ଥ ବର୍ମା ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଜିଲ୍ଲାର ସମସ୍ତ ୯ଟି ବ୍ଲକର ସରପଂଚମାନଙ୍କ ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ କରୋନା ମୁକାବିଲା ସମ୍ପର୍କରେ ଆଲୋଚନା କରିଛନ୍ତି । ଜିଲ୍ଲାପାଳ ଶ୍ରୀ ବର୍ମା ସରପଂଚମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ଆଗାମି ଦିନରେ ଯେଉଁମାନେ ପଂଚାୟତକୁ ଫେରିବେ ସମସ୍ତଙ୍କୁ ନିଜର ପରିବାର ଭଳି ଯତ୍ନ ସହକାରେ ପଂଚାୟତର ଆଇସୋଲେସନ କେନ୍ଦ୍ରରେ ସରପଂଚମାନେ ରଖିବାର ବ୍ୟବସ୍ଥା କରିବେ । ସରପଂଚମାନେ ଏଭଳି ଭୂମିକା ନିର୍ବାହ କରିବେ ଯେଭଳି ଏହି ଜିଲ୍ଲା ସାରା ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିବ । ଜିଲ୍ଲାର ସମସ୍ତ ସରପଂଚମାନଙ୍କ ଉପରେ ଜିଲ୍ଲାପାଳ ଆସ୍ଥା ପ୍ରକଟ କରିବା ସହ ସେମାନେ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଭଲ କାମ କରିବେ ବୋଲି ଆଶା ପ୍ରକଟ କରିଥିଲେ । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତର ସରପଂଚ ଗାୟତ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ କଥାବାର୍ତ୍ତା ସମୟରେ ଉତ୍ତମ ଭାବେ ଭାବ ବିନିମୟ କରି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିବାରୁ ତାଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଜଣାଇଥିଲେ ।

## ମୋ ପ୍ରତିଭା କାର୍ଯ୍ୟକ୍ରମର ତୃତୀୟ ସପ୍ତାହ - ୯୦୦୦ ଆବେଦନ ପତ୍ର

**ଭୁବନେଶ୍ୱର,(ପିଏନ)**-ଲକ୍ ଡାଉନ୍ ସମୟରେ ୫ରୁ ୧୮ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ କାର୍ଯ୍ୟରେ ନିୟୋଜିତ ରଖିବା ନିମନ୍ତେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ୟୁନିସେଫର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଅନ ଲାଇନ ମୋ ପ୍ରତିଭା କାର୍ଯ୍ୟକ୍ରମର ତୃତୀୟ ସପ୍ତାହ(୧୬ରୁ ୨୨ ତାରିଖ)ରେ ସାରା ରାଜ୍ୟରୁ ୮୦୦ ଆବେଦନପତ୍ର ଆସିଛି । ଏହାକୁ ମିଶାଇ ଏପର୍ଯ୍ୟନ୍ତ ୯୦୦୦ ଆବେଦନପତ୍ର ଆସିବା ସହ ପ୍ରତ୍ୟେକ ଗୁରୁବାର ପରି ଆଜି ମଧ୍ୟ ସାପ୍ତାହିକ ପୁରସ୍କାର ଘୋଷଣା କରାଯାଇଛି । ଏଥିମଧ୍ୟରୁ ୬୧୪୮ଟି ଚିତ୍ରକଳା ପାଇଁ ୭୬୧ଟି କ୍ଷୁଦ୍ରଗଳ୍ପ ପାଇଁ, ୧୭୦୪ଟି କବିତା ଏବଂ ୮୯ଟି ପ୍ରବନ୍ଧ ପାଇଁ ଆସିଛି ।ଚିତ୍ରାଙ୍କନ ପ୍ରତିଯୋଗିତାରେ ୫ରୁ ୧୦ବର୍ଷ ବର୍ଗରେ ଦିବ୍ୟାଙ୍କିତା ଦାସ, ଭୁବନେଶ୍ୱର, କୀର୍ତୀସାନା ଦାସ, କେନ୍ଦ୍ରାପଡ଼ା ଏବଂ ସୁରଜ ରଥ, ଭୁବନେଶ୍ୱର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୧୧ରୁ ୧୫ ବର୍ଷ ବର୍ଗରେ ଅଶ୍ୱିନୀ ଆଚାର୍ଯ୍ୟ, କଟକ, ପ୍ରଥମ ତୁଳସୀ ତନ୍ମୟା ପଟ୍ଟନାୟକ, ଅନୁଗୁଳ, ଦ୍ୱିତୀୟ ସ୍ମୃତିକାନ୍ତ ଷଡ଼ଙ୍ଗୀ, ଭୁବନେଶ୍ୱର ଏବଂ ଅମରଜିତ ପାଇକରାୟ ପୁରୀ(ଯୁଗ୍ମ ବିଜେତା) ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୧୬ରୁ ୧୮ବର୍ଷ ବର୍ଗରେ ବୈଭବ ମୋହନ ଦାସ, କଟକ, ମାହେକ ଅଗ୍ରୱାଲ, ଖୋର୍ଦ୍ଧା ଏବଂ ସମବୁଲ ଫାତେମା, ଅନୁଗୋଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

## କନ୍ଧମାଳ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ଘରେ ପାଠ୍ୟପୁସ୍ତକ ପ୍ରଦାନ

**କନ୍ଧମାଳ,(ପିଏନ)**- କରୋନା ପାଇଁ ଏବେ ଦେଶବ୍ୟାପୀ ଲକଡାଉନ୍ ଘୋଷଣା କରିଛନ୍ତି ସରକାର । ଫଳରେ ସ୍କୁଲ, କଲେଜ ଆଦି ବନ୍ଦ ରହିଛି । ସେହିପରି ଗାଡିମୋଟର, ଦୋକାନ ବଜାର ମଧ୍ୟ ବନ୍ଦ ରହିଛି । ଏଭଳି ସ୍ଥିତିରେ ପିଲାମାନେ ଯେପରି ଘରେ ରହି ପାଠ ପଢିପାରିବେ ସେଥିପାଇଁ ସରକାର ପିଲାଙ୍କ ପାଠ୍ୟ ପୁସ୍ତକ ଗୁଡିକ ଘରେ ଘରେ ପଂହଚାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଯାହାଫଳରେ ଆଜି ଫୁଲବାଣୀ ସରକାରୀ ବାଳିକା ହାଇସ୍କୁଲର ଶିକ୍ଷୟତ୍ରୀ ଅନିତା ପଟ୍ଟନାୟକ, ଅନୀତା ବେହେରା ଓ ସୁଜାତା ମାଝି ପ୍ରମୁଖ ମିଶି ଏକ ଅଟୋରେ ଫୁଲବାଣୀ ସହରର ପିଅନପଡା, ଡାକପାଲା, ପେଣ୍ଡିସାହି, ଜିରିଙ୍ଗପଡା, ନଦୀଖଣ୍ଡିସାହୀ ପ୍ରମୁଖ ଅଂଚଳ ଗସ୍ତ କରି ଛାତ୍ରଛାତ୍ରୀଙ୍କୁ ଘର ସମ୍ମୁଖରେ ପାଠ୍ୟ ପୁସ୍ତକ ଗୁଡିକ ପ୍ରଦାନ କରୁଥିବା ଦେଖାଯାଇଥିଲା । ଘର ସମ୍ମୁଖରେ ପାଠ୍ୟ ପୁସ୍ତକ ପାଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ବେଶ ଖୁସି ଅନୁଭବ କରିଥିବା କହିଥିଲେ । ପାଠ୍ୟ ପୁସ୍ତକ ପାଇଥିବାରୁ ଏବେ ଘରେ ରହି ପାଠ ପଢିବାଲାଗି ସୁବିଧା ହେବ ବୋଲି ଛାତ୍ରୀମାନେ କହିଛନ୍ତି । କେବଳ ଫୁଲବାଣୀ ସହର ନୁହେଁ ଜିଲ୍ଲାର ୧୨ଟି ବ୍ଲକରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପାଠ୍ୟ ପୁସ୍ତକ ସବୁ ଛାତ୍ରଛାତ୍ରୀଙ୍କୁ ଘରେ ଘରେ ଯାଇ ପ୍ରଦାନ କରୁଛନ୍ତି । ତେବେ, କାଁ ଭାଁ କେଉଁଠି ଶିକ୍ଷକ ମାନେ ସ୍କୁଲରେ ପିଲାଙ୍କୁ କିମ୍ବା ଅଭିଭାବକଙ୍କୁ ଡକାଇ ମଧ୍ୟ ପାଠ୍ୟ ପୁସ୍ତକ ପ୍ରଦାନ କରୁଥିବା ଜଣାପଡିଛି । ଜିଲ୍ଲାର ଦୁର୍ଗମ ଅଂଚଳ ଗୁଡିକରେ ଗାଡିମଟର, ଅଟୋ ଯାତାୟାତ କରୁନଥିବା ଫଳରେ ବହି ଗୁଡିକ ଛାତ୍ରଛାତ୍ରୀମାନଙ୍କ ଘରକୁ ନେଇ ବାଣ୍ଟିବା ସହଜସାଧ୍ୟ ନଥିବା କାରଣରୁ ଶିକ୍ଷକ ମାନେ ଶେଷରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଡକାଇ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରଖି ବହି ପ୍ରଦାନ କରୁଛନ୍ତି । କନ୍ଧମାଳ ଜିଲ୍ଲାରେ ପ୍ରଥମରୁ ୮ମ ଯାଏଁ ମୋଟ ୧୯୨୩ଟି ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ରହିଛି । ଏସବୁ ବିଦ୍ୟାଳୟରେ ମୋଟ ୧ ଲକ୍ଷ ୧୮ ହଜାର ୭୩୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ସମସ୍ତ ପିଲାଙ୍କ ପାଇଁ ମୋଟ ୬ ଲକ୍ଷ ୧୯ ହଜାର ୯୬୪ ପାଠ୍ୟ ପୁସ୍ତକ ଆବଶ୍ୟକ ଥିବା ବେଳେ ଗତ ଥର ବଳକା ଥିବା ୨୩ ହଜାର ୮୭୮ ଖଣ୍ଡ ବହିକୁ ମିଶାଇ ଏଥର ସରକାର ୫ ଲକ୍ଷ ୨୨ ହଜାର ୨୬୨ ଖଣ୍ଡ ବହି ପ୍ରଦାନ କରିଛନ୍ତି । ତେବେ, ଆଉ ୧ ଲକ୍ଷ ପାଖାପାଖି ବହି ଜିଲାର ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକତା ଅଛି । ଏଯାବତ୍ ୩ ଲକ୍ଷ ୭୪ ହଜାର ୭୫୯ ଖଣ୍ଡ ପାଠ୍ୟ ପୁସ୍ତକ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି ।

## ୫-ଟି ସଚିବ ଓ ଉନ୍ନୟନ କମିଶନରଙ୍କ କୋଭିଡ୍ ଡାକ୍ତରଖାନା ପରିଦର୍ଶନ

**ନବରଙ୍ଗପୁର, (ପିଏନ)**-ରାଜ୍ୟ ସରକାରଙ୍କର ୫-ଟି ସଚିବ ଭି.କାର୍ତିକେୟ ପାଣ୍ଡିୟାନ ଏବଂ ଉନ୍ନୟନ କମିଶନର ସୁରେଶ ମହାପାତ୍ର ହେଲିକପ୍ଟର ଯୋଗେ ପ୍ରାୟ ମଧ୍ୟାହ୍ନ ୧୨ଟାରେ ନବରଙ୍ଗପୁର ଗସ୍ତରେ ଆସି କୋଭିଡ୍ ଡାକ୍ତରଖାନା ପରିଦର୍ଶନ କରିଥିଲେ । ଡାକ୍ତରଖାନାର ବିଭିନ୍ନ ୱାର୍ଡକୁ ବୁଲି ଦେଖିବା ସହ ସନ୍ତୋଷ ପ୍ରକାଶ କରିଥିଲେ । ସେ ଡାକ୍ତରଖାନାର ବିଭିନ୍ନ କାର୍ଯ୍ୟ ସଂପର୍କରେ ପଚାରି ବୁଝିଥିଲେ । ଡାକ୍ତରଖାନାର ପ୍ରସ୍ତୁତି ନେଇ ଖୁସି ପ୍ରକଟ କରିଥିଲେ । ମାତ୍ର ସେ ୨୦ମିନିଟ ରହିବା ପରେ ଜୟପୁର ଅଭିମୁଖେ ଯାତ୍ରା କରିଥିଲେ । ଜିଲାପାଳ ଡଃ.ଅଜିତ୍ କୁମାର ମିଶ୍ର, ଏସପି ନୀତିନ କୁଶଲକର, ସିଡିଏମଓ ଡଃ.ସନ୍ତୋଷ କୁମାର ସ୍ୱାଇଁ,ଖ୍ରୀଷ୍ଟିୟାନ ଡାକ୍ତରଖାନାର ଅଧିକ୍ଷକ ଡଃ.ସନ୍ତୋଷ କୁମାର ନାଗ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଏହି ସମୟ ମଧ୍ୟରେ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିତରକୁ ଛଡାଯାଇନଥିଲା । ପରେ ଜିଲାପାଳ ଡଃ.ମିଶ୍ର ଗଣମାଧ୍ୟମକୁ ସୂଚନାଦେଇ ୫ଟି ସଚିବ ଓ ଉନ୍ନୟନ କମିଶନରଙ୍କର ଅଚାନକ ପରିଦର୍ଶନ ରହିଥିବାବେଳେ କୋଭିଡ୍ ଡାକ୍ତରଖାନା ଦେଖି ସନ୍ତୋଷପ୍ରକାଶ କରିଥିବା କହିବା ସହ ଜିଲାରେ କୋଭିଡ୍ ସଚେତନତାପାଇଁ ଅଧିକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା କହିଥିଲେ ।

## ମାସେ ହେଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଟିଫିନ ବଂଟନ

**ନୂଆପଡା, (ପିଏନ)**- ନୂଆପଡା ଜିଲ୍ଲା ଖଡିଆଳ ସହରରେ ଫସି ରହିଥିବା ବାହାର ରାଜ୍ୟର ଯାଯାବର, ଶ୍ରମିକ, ବ୍ୟବସାୟୀ ମାନଙ୍କୁ ଟିଫିନ ବଂଟନ କରାଯାଉଅଛି । ଗତ ୧ ମାସ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତାଙ୍କ ଉଦ୍ୟମରେ ସହରରେ ଫସି ରହିଥିବା ଯାଯାବର, ଶ୍ରମିକ, ବ୍ୟବସାୟୀ ମାନଙ୍କୁ ପକ୍ଷରୁ ଟିଫିନ ପ୍ରଦାନ କରାଯାଉଛି । ପାଖାପାଖି ୮୦୦ ଜଣଙ୍କ ସକାଶେ ସଂଘର କର୍ମକର୍ତ୍ତା ଟିଫିନ ପ୍ରସ୍ତୁତ କରି ବଣ୍ଟନ କରି ଆସୁଛନ୍ତି । ସେମାନେ ସହରର ରାଜା ଆର୍ତତ୍ରାଣ ହାଇସ୍କୁଲ, ବ୍ଲକ ଛକ, ମୁକ୍ତାପୁର, ବସଷ୍ଟାଣ୍ଡ ସହ ଅନ୍ୟାନ୍ୟ ସ୍ଥାନରେ ଟିଫିନ ବଂଟନ କରି ଆସୁଛନ୍ତି । ଲକଡାଉନ ଦିନରୁ ଏହି ଟିଫିନ ବଂଟନ କରି ଆସୁଥିବା ବେଳେ ଲକଡାଉନ ଶେଷ ପର୍ଯ୍ୟନ୍ତ ବଂଟନ କରିବେ ବୋଲି ପ୍ରକାଶ କରିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନରେଶ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ହିତେଶ ବଗର୍ତୀ, ସୁଧର ଛାପଡିଆ, ସୁଜିତ କୁମାର ପାତ୍ର, ରତନ ଲାଲ ସୋନୀ, ତାରିଣୀ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତା ସାମିଲ ରହି ଟିଫିନ ବଣ୍ଟନ କରି ଆସୁଛନ୍ତି । ସଂଘର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ଜାଗୁଲା ପଂଚାୟତରେ କରୋନାକୁ ନେଇ ସର୍ବଦଳୀୟ ବୈଠକ

**ଭଦ୍ରକ, (ପିଏନ)**-ଧାମରା ନିକଟସ୍ଥ ଜାଗୁଲା ପଂଚାୟତରେ କରୋନାକୁ ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଧାମରା ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ, ସୁପରଭାଇଜର ଦାଶରଥି ଦାସ,ଧାମରା ମେରାଇନ ଥାନାଧିକାରୀ ତୁସୀଲ ମାଝୀ, ଜାଗୁଲା ସରପଂଚ ସୁରେଶ ମାହୁନ୍ତ, ସମିତିସଭ୍ୟ ପ୍ରମୋଦ ନାୟକ, ଯୁବନେତା ଜ୍ୟୋତିପ୍ରକାଶ ଲେଙ୍କା, ସୋନୁଲେଙ୍କା,ଉମେଶ ମହାକୁଡ, ବିଜୟ ବେହେରା, ଜିଲ୍ଲା ପରିଷଦଙ୍କ ପ୍ରତିନିଧଙ୍କ ସହିତ ପଂଚାୟତର ସମସ୍ତ ଓାର୍ଡମେମ୍ବର,ଅଙ୍ଗନବାଡି କର୍ମୀ ମାନଙ୍କୁନେଇ କରୋନା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି । କୌଣସି ବାହାର ଜିଲ୍ଲା ଓ ରାଜ୍ୟରୁ ଫେରୁଥିବା ଅଂଚଳବାସୀଙ୍କୁ ବିନା ପଞ୍ଜିକରଣରେ ଗ୍ରାମକୁ ପୂରାଇ ନଦେବାକୁ ସିଦ୍ଧାନ୍ତ ହୋଇଥିବା ବେଳେ ଏମାନଙ୍କୁ ପ୍ରାଥମିକ ଭାବରେ ପଂଚାୟତ ମାନଙ୍କର ହୋଇଥିବା ସଙ୍ଗରୋଧ ଗୃହରେ ରଖିବା ପାଇଁ ନିଷ୍ପତି ନିଆଯାଇଥିଲା । ଏଥିରେ ଅବହେଳା କରୁଥିବା ଲୋକମାନଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟନୁଷ୍ଠାନ ନିଆଯିବା ପାଇଁ ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଛି ।

## କରୋନା ଲଢେଇରେ ସାମିଲ ହେଲେ ଏମବିଏ ଛାତ୍ର



**କେନ୍ଦ୍ରାପଡା (ପିଏନ)**-କରୋନା ଭାଇରସ ଏବେ ସାରା ବିଶ୍ୱକୁ କବଳିତ କରି ରଖିଛି । ପ୍ରତିଦିନ ହଜାର ହଜାର ଲୋକ ଏହି ଭାଇରସ ପ୍ରଭାବରେ ମୃତ୍ୟୁ ବରଣ କରୁଛନ୍ତି । ଭାରତ ମଧ୍ୟ ଏଥିରୁ ବାଦ ପଡିନଥିବା ବେଳେ ଏହି ରୋଗ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରତିଷେଧକ ଟୀକା ବାହାରିପାରି ନାହିଁ । ଜୀବନ ବଂଚାଇବା ପାଇଁ ହେଲେ ଘରୁ ବାହାରକୁ ନବାହାରି ଘର ଭିତରେ ରହିବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି । ସେଥିପାଇଁ ମାର୍ଚ୍ଚ ୨୨ତାରିଖ ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ଲକଡାଉନ ଘୋଷଣା କରାଯାଇଛି । କିନ୍ତୁ ପ୍ରତିଦିନ ଜରୁରୀ ସେବା ଅବ୍ୟାହତ ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଡେରାବିଶି ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ସୁଦାମ ଚରଣ ମଲ୍ଲିକ ଜିଲ୍ଲାର ବିଭିନ୍ନ ଗ୍ରାମରେ ଗରୀବ ପରିବାରଙ୍କୁ ମାସ୍କ ଏବଂ ଶୁଖିଲା ଖାଦ୍ୟ ବାଂଟିବା ସହିତ ପୌରସଂସ୍ଥା କାର୍ଯ୍ୟାଳୟର ସଫେଇ କର୍ମଚାରୀ ଯେଉଁମାନେକି ପ୍ରତିଦିନ ଜୀବାଣୁମୁକ୍ତ ସହର ଗଠନ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ସେମାନଙ୍କୁ ଫୁଲ,ଅରୁଆ ଚାଉଳ,ଦୁବ, ଚନ୍ଦନ ଏବଂ ଧୂପ ଦେଇ ସମ୍ବର୍ଦ୍ଧିତ କରି ମିଷ୍ଟାନ୍ନ ବଂଟନ କରିଥିଲେ । ସେମାନଙ୍କ ସୁରକ୍ଷା ନିମିତ ସେମାନଙ୍କୁ ମାସ୍କ ପ୍ରଦାନ କରିଥିଲେ । ଏମ.ବି.ଏ. ଛାତ୍ର ଶ୍ରୀ ମଲ୍ଲିକ ପାଠ ପଠିବା ସମୟରେ ତାଙ୍କ ବାପା ବୋଉ ତାଙ୍କୁ ଦେଇଥିବା ଅର୍ଥରୁ ସେ ସଂଚୟ କରିଥିବା ଜମା ଅର୍ଥକୁ ଆଜି ଉଚିତ ମାର୍ଗରେ ବ୍ୟୟ କରିଛନ୍ତି ବୋଲି କହିଛନ୍ତି ସୁଦାମ । ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରିଛନ୍ତି ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା,ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଦିଲ୍ଲିପ କୁମାର ଦାଶ ପ୍ରମୁଖ । ଏହି ଯୁବ ସମାଜସେବୀଙ୍କ କାର୍ଯ୍ୟକୁ ବହୁ ବୁଦ୍ଧିଜୀବି ପ୍ରଶଂସା କରିଥିବା ଦେଖିବାକୁ ମିଳିଛି ।

## ରେସଓ୍ୱା ସ୍ୱାଧାର ଗୃହ ପରିସର ସାନିଟାଇଜ ହେଲା



**କେନ୍ଦ୍ରାପଡା (ପିଏନ)**- କେନ୍ଦ୍ରାପଡା ସହରର ମନକରପୁରସ୍ଥିତ ରେସଓ୍ୱା ସ୍ୱଧାର ଗୃହ ପରିସରକୁ ଆଜି ସାନିଟାଇଜ କରାଯାଇଛି । ସହକାରୀ ଅଗ୍ନିଶମ ଅଧିକାରୀ ବୀରଭଦ୍ର ଟୁଡୁଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ରସାୟନିକ ମିଶ୍ରଣ ସଂଚନକରି ରେସଓ୍ୱା ସ୍ୱଧାର ଗୃହ ପରିସରକୁ ସାନିଟାଇଜ କରିଛନ୍ତି । ଏଥିସହିତ ମନକରପୁରସ୍ଥିତ ମଦ୍ରାସା ସମସୁଲ ଓଲୁମ ଓ ମସଜିଦ ହବିବ ପରିସରକୁ ମଧ୍ୟ ସାନିଟାଇଜ କରାଯାଇଥିଲା । ସମାଜସେବୀ ଲିଆକତ ହୁସେନଙ୍କ ସମେତ ମସଜିଦର ମୌଲାନା ହାକିମ ସାହାବ ଓ ମଦ୍ରାସାର ଶିକ୍ଷକ ସେକ ଇସରାର ପ୍ରମୁଖ ସାନିଟାଇଜ କରିବାରେ ସହଯୋଗ କରିଥିଲେ ।

## ଜିରାଙ୍ଗରେ ବୌଦ୍ଧ ସାଧୁସନ୍ଥଙ୍କୁ କିଟ୍ ଓ କିସ୍ ପକ୍ଷରୁ ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା



**ଭୁବନେଶ୍ୱର(ପିଏନ)**: କରୋନା ଯୋଗୁଁ ତାଲାବନ୍ଦ ହୋଇଯାଇଥିବା ଫଳରେ ପଦ୍ମସମ୍ଭବ ମହାବିହାରରେ ରହୁଥିବା ବୌଦ୍ଧ ଧର୍ମାବଲମ୍ବୀ ସାଧୁସନ୍ଥ ଓ ଏଠାରେ ଥିବା ଦୁଇଟି ଜରାନିବାସର ଅନ୍ତେବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହା ଜାଣିବା ପରେ କିଟ୍ ଓ କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କ ପାଇଁ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରେରଣ କରିଥିଲେ । ଆବଶ୍ୟକ ହେଲେ ଭବିଷ୍ୟତରେ ଆହୁରି ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ଗଜପତି ଜିଲ୍ଲା ଜିରାଙ୍ଗରେ ରହିଛି ଭାରତ ପୂର୍ବାଞ୍ଚଳର ସର୍ବବୃହତ ତିବ୍ବତୀୟ ବୌଦ୍ଧ ବିହାର । ୨୦୧୦ ମସିହାରେ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ଦ୍ୱାରା ଏହି ବୌଦ୍ଧ ବିହାର ପ୍ରତିଷ୍ଠା କରାଯାଇଥିଲା । ଏହି ଅଞ୍ଚଳରେ ବହୁ ସଂଖ୍ୟକ ବୌଦ୍ଧ ଧର୍ମଗୁରୁ ଓ ବୌଦ୍ଧ ଧର୍ମାବଲମ୍ବୀମାନେ ଆଶ୍ରମ କରି ଦୀର୍ଘ ଦିନ ହେଲା ରହିଆସୁଛନ୍ତି । ଜିରାଙ୍ଗରେ ଥିବା ବୌଦ୍ଧ ଆଶ୍ରମ ଓ ଏହାର ଗୁରୁଜୀ ତଥା ଅନ୍ୟାନ୍ୟ ବୌଦ୍ଧ ସନ୍ନ୍ୟାସୀଙ୍କ ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦୀର୍ଘ ଦିନ ଧରି ସୁସମ୍ପର୍କ ରହିଆସିଥିଲା । ଏଭଳି ସମୟରେ ଆମେ ମିଳିତ ଭାବେ କରୋନାର ମୁକାବିଲା କରିପାରିବା ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଗତ କାଲି କିଟ୍ ଓ କିସ୍ ପକ୍ଷରୁ ଜିରାଙ୍ଗ ଓ ଚନ୍ଦ୍ରଗିରି ଅଞ୍ଚଳରେ ବୌଦ୍ଧ ସାଧୁ ସନ୍ଥ ଓ ଏଠାରେ ଥିବା ଦୁଇ ଜରାନିବାସର ଅନ୍ତେବାସୀଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ଏଥିରେ ବୌଦ୍ଧ ଗୁରୁ ଗେଟୁଲ୍ ଜିଗମେ ରିମ୍ପୋଛେ କିଟ୍ ଓ କିସ୍‌କୁ ଧନ୍ୟବାଦ ଜଣାଇବା ସହ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆଶୀର୍ବାଦ କରିଛନ୍ତି ।

## ଗ୍ରାହକଙ୍କ ପାଇଁ ସକାଳୁ ଖୋଲିବ ବ୍ୟାଙ୍କ୍

**ଭୁବନେଶ୍ୱର, (ପିଏନ)**- ରାଜ୍ୟର ସମସ୍ତ ବ୍ୟାଙ୍କଗୁଡ଼ିକ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲାରହିବ । ତେବେ ଭୁବନେଶ୍ୱର, କଟକ, ପୁରୀ, ଛତ୍ରପୁର, ବ୍ରହ୍ମପୁର ଓ କୋରାପୁଟ ସହରରେ ଏହା ଲାଗୁ ହେବ ନାହିଁ । ଏହି ସହର ଗୁଡିକ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସ୍ଥାନରେ ଥିବା ବ୍ୟାଙ୍କଗୁଡ଼ିକରେ ଗ୍ରାହକ ସେବା ସକାଳ ୮ଟାରୁ ଆରମ୍ଭ ହେବ । ଲକଡାଉନ ଏବଂ ଗ୍ରୀଷ୍ମପ୍ରବାହ ପାଇଁ ଉପଭୋକ୍ତାଙ୍କ ସୁବିଧା ନିମନ୍ତେ ବ୍ୟାଙ୍କ କାର୍ଯ୍ୟ ସକାଳୁଆ କରାଯିବାକୁ ସ୍ଥିର ହୋଇଛି । ଲକଡାଉନ ଅବଧି ଶେଷ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତର ରହିବ ।

ତେବେ ଏହି ସମୟରେ ସମସ୍ତ ବ୍ୟାଙ୍କଗୁଡ଼ିକ ପକ୍ଷରୁ ସାମାଜିକ ଦୂରତାକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ଅପରିବର୍ତିତ ରଖାଯାଇଛି । ବିପର୍ଯ୍ୟୟ ପରିଚ୍ଳନା ଆଇନ ୨୦୦୫ର ଧାରା ୨୨ରେ ଥିବା ବ୍ୟବସ୍ଥା ଅନୁସାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray